# Akashvani, Sambalpur

## SAMBALPURI NEWS EVENING BULLETIN

## 19 March 2025- 7.02 pm- 7.12 pm.

*********************************************

୧- ବିଧାନ୍‌ସଭା ବଜେଟ୍ ଅଧିବେଶନ୍‌ଥି ଆଏଜ୍ ଉପସ୍ଥାପିତ୍ ହେଲା ସ୍ୱାସ୍ଥ୍ୟ ବିଭାଗ୍‌ର ୨୨ ହଜାର୍ କୋଟିନୁ ଅଏତ୍‌କା ଟଙ୍କାର୍ ଖର୍ଚ୍ଚା ଦାବି ।

୨- ରାଜ୍ୟର୍ ସ୍କୁଲ୍‌ମାନ୍‌କେ ଏପ୍ରିଲ୍ ୨ ନୁ ହେବା ସଖାଲ୍‌ପଢ଼ା- କହେଲେ ରାଜସ୍ୱ ମନ୍ତ୍ରୀ ।

୩- ବିଶ୍ୱ ଅଡ଼ିଓ ଭିଜୁଆଲ୍ ଆଉ ମନୋରଞ୍ଜନ୍ ଶିଖର୍ ସମ୍ମିଳନୀ-ୱେଭ୍‌ସ୍ ଲାଗି ଆଏବା କାଏଲ୍ ଭୁବ୍‌ନେଶ୍ୱର୍ ନ ହେବା କର୍ମଶାଳା ।

ଆଉର୍

୪- ମାଧ୍ୟମିକ ଶିକ୍ଷା ପରିଷଦ୍ ପରିଚାଳିତ୍ ମେଟ୍ରିକ୍ ପରୀକ୍ଷାର୍ ଖାତାଦେଖା ଆଏଜ୍‌ଠାନୁ ହେଲା ମୁଲ୍ ।

ବିଧାନ୍‌ସଭା           ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ବିଧାନସଭା ବଜେଟ୍ ଅଧିବେଶନ୍‌ର ୨ ନମ୍ବର ଖେପର୍ ୮ ନମ୍ବର ଦିନେ ଆଏଜ୍ ବିରୋଧୀ କଂଗ୍ରେସ ସଦସ୍ୟମାନଙ୍କର୍ କିର୍ଲାଗଗା ଲାଗି ବାଚସ୍ପତି ସୁରମା ପାଢ଼ୀ ଗୃହକେ ଦୁଇଥର ମୁଲ୍‌ତବୀ ଘୋଷ୍‌ଣା କରିଥିଲେ । ଆଏଜ୍ ସକାଲୁ  ପ୍ରଶ୍ନକାଳ ମୁଲ୍ ହଉନ୍‌ସାଏର୍ କଂଗ୍ରେସ ବିଧାୟକ୍‌ମାନେ ରାଏଜେ ମହିଲାମାନ୍‌କର୍ ସୁରକ୍ଷା ଲାଗି ବିଧାନସଭା ଗୃହ କମିଟି ଗଠନ୍ ଦାବି କରିକରି ଗୃହ ମଝା ନ ହୋହଲ୍ଲା କରିଥିଲେ । କିର୍ଲାଗଗା ଭିତ୍‌ରେ ଖାଲି ୭ ମିନିଟ୍ ଲାଗି ଗୃହ ଚାଲିଥିଲା ଆଉ ୧୦ ବାଜିକରି ୩୫ ମିନିଟ୍‌ନୁ ମଏଧାନର୍ ୧୨ ବଜେତକ୍ ବାଚସ୍ପତି ଗୃହକେ ମୁଲତବୀ ଘୋଷଣା କରିଥିଲେ । ୧୨ ବଜେ ଗୃହ କାର୍ଯ୍ୟ ମୁଲ୍ ହେଲା ଉତ୍‌ରୁ ଫେର୍ ସମାନ୍ ଥିତି ଲାଗି ରହେବାର୍‌ନୁ ବାଚସ୍ପତି ଉପରବେଲା ୪ ବଜେତକ୍ ଗୃହକେ ମୁଲତବୀ ଘୋଷଣା କରିଥିଲେ ।

ବିଧାନ୍‌ସଭା-୨        ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ବିଧାନ୍‌ସଭା ନ ଆଏଜ୍ ଉପର୍‌ବେଲା ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ ୨୦୨୫-୨୬ ଆର୍ଥିକ୍ ବଛର୍ ଲାଗି ସ୍ୱାସ୍ଥ୍ୟ ବିଭାଗ୍‌ର ୨୨ ହଜାର୍ ୭ ଶହ ୩୮ କୋଟି ୪୬ ଲାଖ୍ ୪୩ ହଜାର୍ ଟଙ୍କାର୍ ଖର୍ଚ୍ଚ ଦାବି ଉପସ୍ଥାପନ୍ କରିଥିଲେ । ସ୍ୱାସ୍ଥ୍ୟମନ୍ତ୍ରୀ ଖର୍ଚ୍ଚ ଦାବି ଉପସ୍ଥାପନ୍ କଲା ବେଲ୍‌କେ କଂଗ୍ରେସ୍ ନେତା ରାମଚନ୍ଦ୍ର କାଡ଼ାମ୍ ପ୍ରତିବାଦ୍ କରିଥିଲେ । ଦଲର୍ ଅଲ୍‌ଗା ବିଧାୟକ୍‌ମାନେ ଭିଲ୍ ଇ ସମିଆଥି ନାରୀ ନିର୍ଯ୍ୟାତନା ଆର୍ ଆଇନ୍ ଶୃଙ୍ଖଲା ପ୍ରସଙ୍ଗଥି ଗୃହ କମିଟି ଗଠନ୍ ଲାଗି ଫେର୍‌ଘାଏ ଦାବି କରିକରି ଗୃହତ୍ୟାଗ କରିଥିଲେ । ବିଜେଡ଼ି ସଦସ୍ୟ ରଣେନ୍ଦ୍ର ପ୍ରତାପ୍ ସ୍ୱାଇଁଙ୍କୁ ସ୍ୱାସ୍ଥ୍ୟ ବିଭାଗ୍ ଖର୍ଚ୍ଚ ଦାବି ଉପ୍‌ରେ ଆଲୋଚନା କର୍‌ବାର୍‌କେ ଉପବାଚସ୍ପତି ଅନୁମତି ଦେଇଥିଲେ ।

ବିଧାନ୍‌ସଭା- ସୂର୍ଯ୍ୟଘର ଭୁବନେଶ୍ୱର୍ ସମ୍ବାଦଦାତା

ରାଏଜେ ୯ ଲାଖ୍ ୫ ହଜାର୍ ଭାଗଚାଷୀ ଅଛନ୍ ବଲି ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ କହିଛନ୍ । ବିଧାନ୍‌ସଭା ନ ଗୁଟେ ପ୍ରଶ୍ନର୍ ଉତର୍ ରଖିକରି ଉପମୁଖ୍ୟମନ୍ତ୍ରୀ କହିଛନ୍, ୨୦୧୫-୧୬ ଗନ୍‌ତି ଅନ୍‌ସାରେ ଚାଷୀମାନ୍‌କୁ ସଶକ୍ତ ଆର୍ ତହଁକାବାର୍ ଲାଗି ରାଜ୍ୟ ସର୍‌କାର୍ ୩୯ ଟା ଯୋଜ୍‌ନା

ଆନିଛନ୍ । ଇ ଯୋଜ୍ନା ମାନ୍କର୍ ଜରିଏ ଭାଗଚାଷୀମାନ୍କୁ କୃଷିରଣ, ଭିନ୍ ଭିନ୍ କିସ୍ମର୍ ବିହନ୍, ସାର, ଯନ୍ତ୍ରପାତି ରିହାତି ଦର୍ଥି ଯୁଗେଇ ଦେଇଛନ୍ । ବଲ୍ରାମ୍ ଯୋଜ୍ନାଥି ଭାଗଚାଷୀମାନ୍କୁ ସର୍କାର୍ ସାହାଜ୍ କରିଛନ୍ ବଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ ।

ସେନ୍ତା ବିଧାୟକ ରାଜା ସ୍ୱାଇଁଙ୍କର ଗୁଟେ ପ୍ରଶ୍ନର୍ ଉତରଥି ମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍, ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜ୍ନାଥି ଏବ୍ତକ୍ ୯୩ ହଜାର ୩ ଶହ ୬୭ ଝନ୍ ପଞ୍ଜିକୃତ୍ ହେଇ ସାରିଥିଲା ବେଲ୍କେ ୨ ହଜାର ୭ ଶହ ୪୦ ଝନ୍ ହିତାଧିକାରୀ ସୁବିଧା ପାଇସାର୍ଲେନ ।

ବିଧାନ୍ସଭା ରାସନ୍ କାର୍ଡ଼        ଭୁବନେଶ୍ୱର୍ ସମ୍ବାଦଦାତା

ରାଏଜେ ଏବ୍ତକ୍ ୯୭ ଲାଖ୍ ୫୫ ହଜାର ୪ ଶହ ୪୨ଟା ରାସନ୍ କାର୍ଡ ଜରିଏ ୩ କୋଟି ୩୦ ଲାଖ୍ ୨୮ ହଜାର ୮ ଶହ ୮୦ ଝନ୍ ହିତାଧିକାରୀ ଖାଦ୍ୟ ସୁରକ୍ଷା ଯୋଜ୍ନାର୍ ଲାଭ୍ ପାଉଛନ୍ ବଲି ଖାଦ୍ୟ ଯୋଗାଣ ଆଉ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ । ବିଧାନସଭାନ ଆଏଜ୍ ଇ ବାବଦ୍ ଗୁଟେ ପ୍ରଶ୍ନ ଉତରଥି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍, ଏବ୍ତକ୍ ରାଏଜେ ୨୩ ହଜାର ଶହେ ୩୮ ଝନ୍ ଅଯୋଗ୍ୟ ହିତାଧିକାରୀ ରାସନ୍କାର୍ଡ ଫିରେଇ ସାଏଲନ । ରାସନ କାର୍ଡ ଫିରେଇଥିବା

ପରିବାର ସଂଖ୍ୟା ୮୭ ହଜାର ୮ ଶହ ୪୪ ଥିଲାବେଳେ ଏବ୍‌ତକ୍ ୪ ଲାଖ୍ ୮ ହଜାର ଶହେ ୭ଟା ଭୁତ କାର୍ଡକେ ବାଦ୍ ଦିଆଯାଇଛେ ବଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ ।

ବିଧାନ୍‌ସଭା-ଶୀତଲଭଣ୍ଡାର ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଏଜେ ମୋଟ୍ ଶହେ ୩୩ ଟା ଶୀତଲ୍‌ଭଣ୍ଡାର୍ ଅଛେ ବଲି ସମବାୟ ମନ୍ତ୍ରୀ ପ୍ରଦୀପ୍ ବଲସାମନ୍ତ ଆଏଜ୍ ବିଧାନ୍‌ସଭା ନ କହିଛନ୍ । ବିଧାୟକ୍ ଗଣେଶ୍ୱର୍ ବେହେରାଙ୍କର୍ ଉତର୍‌ଥି ମନ୍ତ୍ରୀ କହିଛନ୍, ମୋଟ୍ ଶୀତଲ୍‌ଭଣ୍ଡାର୍ ଭିତ୍‌ରୁ ୯୮ ଟା ଇହାଦେ ଅଚଲ୍ ଅଛେ । ୨୨ ଟା ସର୍‌କାରୀ ଶୀତଲ୍‌ଭଣ୍ଡାର୍ ଭିତ୍‌ରୁ ୧୮ ଟା ସମବାୟ ଶୀତଲ୍‌ଭଣ୍ଡାର୍ ଆଉ ୪ ଟା ଉଦ୍ୟାନ କୃଷି ବିଭାଗ୍‌ର ବଲି ମନ୍ତ୍ରୀ କହିଛନ୍ ।

ତୋଷାଲି ଜାତୀୟ ହସ୍ତଶିଳ୍ପ ମେଲା I&PR

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଉ କିଛି ସମିଆ ଉତ୍‌ରୁ ଭୁବ୍‌ନେଶ୍ୱର୍ ଜନତା ମଇଦାନ୍ ଠାନେ ୧୯ ନମ୍ବର ତୋଷାଲି ଜାତୀୟ ହସ୍ତଶିଳ୍ପ ମେଲା କେ ଉଦ୍‌ଘାଟନ୍ କର୍‌ବେ । ଉଦ୍‌ଘାଟନୀ ସମାରୋହଥି ବିଭାଗୀୟ ମନ୍ତ୍ରୀ ପ୍ରଦୀପ

ବଲସାମନ୍ତ ଉପସ୍ଥିତ୍ ରହେବେ । ମାର୍ଚ୍ଚ ୩୧ ତାରିଖ୍ତକ୍ ହେବାର୍କେ ଥିବା ଇ ମେଲା ଫି ଦିନ ଉପର୍ବେଲା ୩ ବଜେନୁ ରାତିର୍ ୧୦ ବଜେତକ୍ ଚାଲ୍ବା । ମେଲାଥି ୬ ଶହ ୫୦ ନୁ ଅଏତ୍କା ଷ୍ଟଲ୍ ରହିଛେ ।

ଖରା-ରାଜସ୍ୱ ମନ୍ତ୍ରୀ ଭୁବନେଶ୍ୱର୍ ସମ୍ବାଦଦାତା

ରାଏଜେ ବଢ଼ିତି ଖରାକେ ନଜର୍ଥି ରଖିକରି ଆଏବା ମାସ ୨ ତାରିଖ୍ନୁ ସ୍କୁଲ୍ ମାନ୍କେ ସଖାଲ୍ ପଢ଼ା ହେବା ବଲି ରାଜ୍ୟ ସର୍କାର୍ ନିଷ୍ପତି ନେଇଛନ୍ ବଲି ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲନା ମନ୍ତ୍ରୀ ସୁରେଶ୍ ପୂଜାରୀ କହିଛନ୍ ।

(ଭଏସ୍ ଓଭର୍- ରାଜସ୍ୱ ମନ୍ତ୍ରୀ)

ସେନ୍ତା ଦିନର୍ ୧୧ ନୁ ଉପର୍ବେଲା ୩ ବଜେତକ୍ ଶ୍ରମିକ୍ମାନ୍କର୍ କାମ୍ ବନ୍ଦ୍ ରହେବା । ନିୟମ୍ ଖିଲାପ୍ କଲେ ମାଲିକ୍ ମାନ୍କର୍ ବିରୋଧ୍ ନ କଡ଼ା କାର୍ଯ୍ୟାନୁଷ୍ଠାନ୍ ନିଆଯିବା । ଶୂନ୍ୟ ମୃତ୍ୟୁ ଉପ୍ରେ ଖାସ୍ ଧିଆନ୍ ଦେଇକରି ରାସ୍ତା ଘାଟେ ଛାଏଁର୍ ଲାଗି ମଡୁଆ ମରାଯିବା । କେନ୍ସି ଜାଗା ନ ଆଘୋଷିତ ବିଜ୍ଲି କାଟ୍ ଭିଲ୍ ନାଇଁ କରାଯାଏ ବଲି ରାଜସ୍ୱ ମନ୍ତ୍ରୀ କହିଛନ୍ ।

ଜଙ୍ଗଲ୍ ନିଆଁ- ମନ୍ତ୍ରୀ        ଭୁବନେଶ୍ୱର୍ ସମ୍ବାଦଦାତା

ଖରାଦିନେ ରାଜ୍ୟର୍ ଜଙ୍ଗଲ୍ ମାନ୍‌କୁ ଜୁଏ ନୁ ବଁଚାବାର୍ ଲାଗି ଜିଲ୍ଲାସ୍ତର୍‌ଥି ଖାସ୍ ଯୋଜ୍‌ନା ମାନ୍ ହାତ୍‌କେ ନିଆଯାଇଛେ ବଲି ରାଜ୍ୟ ଜଙ୍ଗଲ୍ ଆଉ ପରିବେଶ୍ ମନ୍ତ୍ରୀ ଗଣେଶ୍ ରାମ୍ ସିଂ ଖୁଂଟିଆ କହିଛନ୍ । ବିଧାନ୍‌ସଭା ନ ଗୁଟେ ପ୍ରଶ୍ନର୍ ଉତର୍ ଦେଇକରି ମନ୍ତ୍ରୀ ଶ୍ରୀ ଖୁଂଟିଆ କହିଛନ୍, ସବୁ ବନଖଣ୍ଡ ନ ଜଙ୍ଗଲ୍ ବିଭାଗ୍‌ର ନିଆଁଲିଭା ବାହିନୀକେ ସଚେତନ୍ କରାଯାଇକରି ମକ୍‌ଡ୍ରିଲ୍ କରାଯାଉଛେ । ସେନ୍ତା ଜଙ୍ଗଲ୍ ବିଭାଗ୍‌ର ଅଧିକାରୀମାନେ ଓଏଫ୍‌ଏସ୍‌ଏମ୍ ମୋବାଇଲ୍ ଆପ୍ ଜରିଏ ଜଙ୍ଗଲ୍‌ର ଜୁଏକେ ଆଏତ୍ କର୍‌ବାର୍‌ଥି ଲାଗିଛନ୍ ବଲି ମନ୍ତ୍ରୀ କହିଛନ୍ । ସେ ଆହୁରି କହିଛନ୍, ଜଙ୍ଗଲ୍ ଜୁଏ ଉପ୍‌ରେ ନଜର୍ ରଖ୍‌ବାର୍‌କେ ରାଜ୍ୟ ବନବିଭାଗ୍ ମୁଖ୍ୟାଲୟ ଆର୍ ବନଖଣ୍ଡ ମୁଖ୍ୟାଲୟ ମାନ୍‌କେ ୨୪ ଘଂଟିଆ କଂଟ୍ରୋଲ୍ ରୁମ୍ କାମ୍ କରୁଛେ । ଶିମିଲିପାଲ୍ ଜଙ୍ଗଲ୍ ନ ଜୁଏର୍ ପ୍ରଭାବ୍‌କେ ମନିଟର୍ କର୍‌ବାର୍ ଲାଗି କୃତ୍ରିମ ବୁଦ୍ଧିମତା - ଏଆଇ କେମ୍‌ରା ଲଗାଯାଇଛେ ବଲି ମନ୍ତ୍ରୀ କହିଛନ୍ ।

ୱେଭ୍‌ସ୍-କର୍ମଶାଳା        ପି.ଆଇ.ବି.

ମୁମ୍ବାଇ ନ ହେବାର୍କେ ଥିବା ବିଶ୍ୱ ଅଡ଼ିଓ ଭିଜୁଆଲ୍ ଆଉ ମନୋରଞ୍ଜନ୍ ଶିଖର୍ ସମ୍ମିଲନୀ-ୱେଭ୍ସ୍ ଲାଗି  ଆଏବା କାଏଲ୍ ଭୁବ୍ନେଶ୍ୱର୍‌ର ବିଶ୍ୱ ଦକ୍ଷତା କେନ୍ଦ୍ର ଠାନେ ଗୁଟେ କର୍ମଶାଲା ଆୟୋଜନ୍ କରାଯାଉଛେ । କର୍ମଶାଲାକେ କେନ୍ଦ୍ର ଦକ୍ଷତା ବିକାଶ୍ ଆଉ ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଜୟନ୍ତ ଚୌଧୁରୀ ଉଦ୍‌ଘାଟନ୍ କର୍‌ବେ । ଉପର୍‌ବେଲା ୨ ବଜେ ହେବାର୍କେ ଥିବା ଇ କର୍ମଶାଲାଥି ଉଦ୍ୟୋଗୀ ମାନ୍‌କର୍ ଅଭିବୃଦ୍ଧିକେ ପ୍ରୋତ୍ସାହନ୍ ଦେବାର୍, ଆର୍ଥିକ୍ ବୃଦ୍ଧି ଅନ୍ତର୍ଭୁକ୍ତିକରଣ୍, ଡିଜିଟାଲ୍ ଦକ୍ଷତା ବାଗିର୍ ଭିନ୍ ଭିନ୍ ପ୍ରସଙ୍ଗ ଉପ୍‌ରେ ଆଲୋଚନା ହେବା ବଲି ଭୁବ୍ନେଶ୍ୱର୍ ପତ୍ର ସୂଚନା କାର୍ଯ୍ୟାଲୟ ତର୍‌ଫୁ ଜନାପଡ଼ିଛେ ।

ଇନ ଜନେଇ ଦିଆଯାଇପାରେ ଯେ, ୱେଭ୍ସ୍ ହେଉଛେ ଗୁଟେ ବିଶ୍ୱସ୍ତରୀୟ କାର୍ଯ୍ୟକ୍ରମ୍ । ଯେନ୍‌ଟାକି ସବୁ ଗଣମାଧ୍ୟମ୍ ଆଉ ମନୋରଞ୍ଜନ୍ କ୍ଷେତ୍ରକେ ଏକ୍‌ଠାନିଆ କରିକରି ମେ ମାସର୍ ୧ ତାରିଖ୍‌ନୁ ୪ ତାରିଖ୍‌ତକ୍ ଇ ଶିଖର୍ ସମ୍ମିଲନୀ କରାଯିବା ।

ରତ୍ନଭଣ୍ଡାର୍ ଚାବି -ହାଇକୋର୍ଟ                    ଆର୍‌ଏନ୍‌ୟୁ/ କଟକ୍

ପୁରୀ ଶ୍ରୀମନ୍ଦିର୍ ରତ୍ନଭଣ୍ଡାର୍ ଚାବି ହଜ୍‌ବାର୍ ବାବ୍‌ଦେ ହେଇଥିବା ନ୍ୟାୟିକ ତଦନ୍ତ୍ ରିପୋର୍ଟ ସାର୍ବଜନୀନ କର୍‌ବାର୍ ଲାଗି ଓଡ଼ିଶା ହାଇକୋର୍ଟ ରାଜ୍ୟ ସର୍‌କାର୍‌ଙ୍କର୍ ଠାନୁ ସ୍ୱଷ୍ଟିକରଣ୍

ମାଗିଛନ୍ । ଇ ବାବଦ୍ ଗୁଟେ ଜନସ୍ୱାର୍ଥ ମାମ୍‌ଲାର୍ ଶୁଣାଣି କରିକରି ହାଇକୋର୍ଟ ସ୍ୱଷ୍ଟିକରଣ୍ ମାଗିଛନ୍ ।

ସୁଭଦ୍ରା- ଉପମୁଖ୍ୟମନ୍ତ୍ରୀ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟ ସର୍‌କାର୍‌ଙ୍କର୍ ମହିଳା ସଶକ୍ତିକରଣ୍ ଯୋଜ୍‌ନା ସୁଭଦ୍ରାର ୨ ନମ୍ବର୍ କିସ୍ତିଥି ବାଦ୍ ପଡ଼ିଥିବା ୧ ଲାଖ୍ ହିତାଧିକାରୀ ମହିଳା କେନ୍ କାରଣ୍‌ନୁ ସାହାଜ୍ ଟଙ୍କା ନାଇଁ ପାଇ ସେ ବାବଦେ ଯାଂଚ୍ କରାଯିବା ବଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ । ଗଣମାଧମ୍‌କେ ସୂଚ୍‌ନା ଦେଇକରି ଶ୍ରୀମତୀ ପରିଡ଼ା କହିଛନ୍,

(ଭଏସ୍ ଓଭର୍- ପ୍ରଭାତୀ ପରିଡ଼ା)

ମେଟ୍ରିକ୍ ପରୀକ୍ଷା ଖାତାଦେଖା ଆର୍‌ଏନ୍‌ୟୁ/ ସମ୍ବଲପୁର

ମାଧମିକ୍ ଶିକ୍ଷା ପରିଷଦ୍ ପରିଚାଲିତ୍ ମେଟ୍ରିକ୍ ପରୀକ୍ଷାର୍ ଇ ବଛର୍ ଖାତାଦେଖା ୫୧ ଟା ପରୀକ୍ଷା କେନ୍ଦ୍ର ନ ଆଏଜ୍‌ଠାନୁ ମୁଲ୍ ହେଇଛେ । ଖାତା ଦେଖା ଲାଗି ୧୧ ହଜାର୍ ୮ ଶହ ୯ଜନ୍ ଶିକ୍ଷକ୍, ଶିକ୍ଷୟିତ୍ରୀ ନିୟୋଜିତ୍ ହେଇଛନ୍ । ଭିନ୍ ଭିନ୍ ଜିଲ୍ଲା ନ ଜିଲ୍ଲା ଶିକ୍ଷା ଅଧିକାରୀମାନେ ଖାତାଦେଖା ବ୍ୟବସ୍ଥାକେ ପ୍ରତ୍ୟକ୍ଷ ଭାବେ ତଦାରଖ୍ କରୁଛନ୍ । ଫି’ ଦିନ ଖାତା ଦେଖା

ଉତ୍‌ରୁ ଅନ୍‌ଲାଇନ୍‌ଥି ଅପ୍‌ଲୋଡ୍‌ କରାଯାଉଛେ । ସେନ୍ତା ୧୨ ଦିନ୍ ଭିତ୍‌ରେ ଖାତା ଦେଖା ଶେଷ୍ କର୍‌ବାର୍‌କେ ବୋର୍ଡ଼ ତର୍‌ଫୁ ସମିଆ ଧାରିଜ୍ କରାଯାଇଛେ । ମେ ମାସ ପହେଲା ହପ୍ତାଥି ପରୀକ୍ଷାଫଲ୍ ବାହାର୍ କର୍‌ବାର୍ ଲାଗି ବୋର୍ଡ଼ ତର୍‌ଫୁ ଲକ୍ଷ୍ୟ ରଖାଯାଇଛେ । ଇ ବଛର୍ ପାଖାପାଖି ୫ ଲାଖ୍ ୨୨ ହଜାର୍‌ନୁ ଅଏତ୍‌କା ଛାତ୍ରଛାତ୍ରୀ ୩ ଶହ ୧୩ ଟା କେନ୍ଦ୍ର ନ ମେଟ୍ରିକ୍ ପରୀକ୍ଷା ଦେଇଥିଲେ ।

ବିଶ୍ୱବିଦ୍ୟାଳୟ - ଆଲୋଚନାଚକ୍ର   କଲାହାଣ୍ଡି ସମ୍ବାଦଦାତା

କଲାହାଣ୍ଡି ଜିଲ୍ଲା ଭବାନୀପାଟ୍‌ନା ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଓଡ଼ିଆ ଭାଷା ସାହିତ୍ୟ ବିଭାଗ୍ ତର୍‌ଫୁ ଲୋକତତ୍ୱ ଆର୍ ଅନୁବାଦ୍ ତତ୍ୱ ବିଷେଥି ଗୁଟେ ଆଲୋଚନାଚକ୍ର ହେଇଯାଇଛେ । ବିଶ୍ୱବିଦ୍ୟାଳୟ କୁଳପତି ଡକ୍ଟର୍ ନିବେଦିତା ନାଥଙ୍କର୍ ସଭାପତିତ୍ୱଥି ମୁଖ୍ୟଅତିଥି ଭାବେ ବିଶ୍ୱବିଦ୍ୟାଳୟ ପ୍ରଫେସର୍ କୃଷ୍ଣଚନ୍ଦ୍ର ପ୍ରଧାନ୍ ଆର୍ ମୁଖ୍ୟବକ୍ତା ଭାବେ ଡକ୍ଟର୍ ଦ୍ୱାରିକା ନାଥ୍ ନାଏକ୍ ଯୋଗ୍ ଦେଇଥିଲେ ।

ବୌଦ୍ଧ -ତାପମାତ୍ରା        ବୌଦ୍ଧ ତାପମାତ୍ରା

ବୌଦ୍ଧ ଜିଲ୍ଲାର୍ ତାପମାତ୍ରା ଗଲା କିଛି ଦିନ୍ ହେଲା ରାଏଜେ ଆର୍ ଦେଶେ ସବୁନୁ ଜହ ରହୁଛେ । ଇତାକେ ନଜର୍‌ଥି ରଖିକରି ଜିଲ୍ଲାର୍ ସବୁ ଅଧିକାରୀ ଆଉ କର୍ମଚାରୀମାନ୍‌କୁ ସଜାଗ୍ ରହେବାର୍ ସହେତେ ଜନଜୀବନ୍‌ର କେହେନି କ୍ଷତି ଯେନ୍ତା ନାଇଁ ହେବା ସେଥିର୍‌ଲାଗି ତୟାର୍ ରହେବାର୍‌କେ ଜିଲ୍ଲାପାଲ୍ ନିର୍ଦ୍ଦେଶ୍ ଦେଇଛନ୍ । ଜିଲ୍ଲାପାଲ୍ ସୁବ୍ରତ୍ କୁମାର୍ ପଣ୍ଡାଙ୍କର୍ ଅଧ୍ୟକ୍ଷତାଥି ଗ୍ରୀଷ୍ମ ଲହରୀ ମୁକାବିଲା ବାବଦ୍ ଗୁଟେ ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ଭିନ୍ ଭିନ୍ ଜାଗା ନ ଜଲ୍‌ଛତର୍ ଖୁଲ୍‌ବାର୍, ନଲ୍‌କୁଆଁ ମାନ୍‌କର୍ ମରାମତି, କାର୍ଯ୍ୟାଳୟମାନ୍‌କେ ପିଇବାର୍ ପାଏନ୍ ଆର୍ ଛାଏଁର ବ୍ୟବସ୍ଥା କର୍‌ବାର୍ ଲାଗି ଜିଲ୍ଲାପାଲ୍ - ଅଧିକାରୀ ମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ । ସେନ୍ତା ଅଙ୍ଗନବାଡ଼ି କେନ୍ଦ୍ର ମାନ୍‌କୁ ସଖାଲର୍ ସାଢ଼େ ୭ ନୁ ସାଢ଼େ ୯ ବଜେତକ୍ ଖୁଲାରହେବା ଆର୍ ଦର୍‌କାର୍ ହେଲେ ଅଙ୍ଗନବାଡ଼ି ଛୁଆମାନ୍‌କୁ ଘରେ ଯାଇକରି ରନ୍ଧା ଖାଏବାର୍ ଦରବ୍ ଦିଆଯିବା । ଜିଲ୍ଲାର୍ ସବୁ ବ୍ଲକ୍ ନ କଂଟ୍ରୋଲ୍ ରୁମ୍ ଭିଲ୍ ଖୁଲାଯିବା ବଲି ଜିଲ୍ଲାପାଲ୍ ସୂଚ୍‌ନା ଦେଇଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ବଡ଼ଭାଗୀ ଜିଲ୍ଲା ନ ଆଏଜ୍‌ଠାନୁ ଆଏବା ୫ ଦିନ୍‌ତକ୍ ଘଡ଼୍‌ଘଡ଼ି ସହେତେ ଧୁକାଗର୍ଡ଼ି ଆର୍ ବର୍ଷା ହେଇପାରେ ବଲି

ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ । ଆଏବା ୨୪ ଘଂଟା ଭିତ୍‌ରେ ୭ ଟା ଜିଲ୍ଲା ନ ଘଡ଼୍‌ଘଡ଼ି ଆର୍ ବର୍ଷାକେ ନେଇକରି ପାଣିପାଗ କେନ୍ଦ୍ର ୟେଲୋ ଓ୍ୱାର୍ଣ୍ଣିଂ ଜାରି କରିଛେ । ସେଆଡ଼େ ଆଏବା ୨ ଦିନ୍‌ତକ୍ ତାପମାତ୍ରାଥି କିଛି ଖାସ୍ ପରିବର୍ତନ୍ ନାଇଁ ହୁଏ, ତାର୍ ଉତ୍‌ରୁ ୩ ନୁ ୫ ଡିଗ୍ରୀତକ୍ ତାପମାତ୍ରା କମ୍‌ବା ବଲି ପାଣିପାଗ୍ କେନ୍ଦ୍ର କହିଛେ । ୪୧ ଦଶ୍‌ମିକ୍ ୧ ଡିଗ୍ରୀ ତାପମାତ୍ରା ସହେତେ ଆଏଜ୍ ବଲାଙ୍ଗିର୍ ଜିଲ୍ଲା ରାଜ୍ୟର୍ ସବୁନୁ ତତ୍‌ଲା ସହର୍ ପାଲ୍‌ଟିଥିଲା ।